

# ୨୮

# ଭାରତର ମୁଖ୍ୟ ଧାର୍ମିକ ସମୁଦାୟ
# MAJOR RELIGIOUS COMMUNITIES OF INDIA

ଭାରତ ଅନେକ ଧାର୍ମିକ ସମୁଦାୟର ମିଶ୍ରଣରେ ଗଠିତ । ଅନେକ ଯାଯାବର ଜାତିର ଲୋକେ ଉର୍ବର ଚାଷ ଜମି ପାଇଁ ଭଲ ସୁବିଧା ସୁଯୋଗ ପାଇଁ କିମ୍ବା ଅତ୍ୟାଚାରି ଶାସନରୁ ମୁକୁଳିବା ପାଇଁ ବିଭିନ୍ନ ସ୍ଥାନରୁ ଭାରତକୁ ପଳେଇ ଆସିଥିଲେ ଏବଂ ତା ସଙ୍ଗେ ସେମାନେ ସେମାନଙ୍କ ସଂସ୍କୃତିକୁ ମଧ ସାଙ୍ଗରେ ନେଇ ଆସିଥିଲେ। ଭାରତର ଧାର୍ମିକ ଗୋଷ୍ଠୀକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମତଃ ସେମାନେ ଆଞ୍ଚଳିକ ଓ ଦ୍ୱିତୀୟରେ ପୃଥିବୀର ବିଭିନ୍ନ ସ୍ଥାନରୁ ଆସିଥିବା ଭିନ୍ନଭିନ୍ନ ଧାର୍ମିକ ଗୋଷ୍ଠୀ । ପ୍ରଥମ ସମୁଦାୟରେ ଆମେ ଆମ ଦେଶରେ ଜନ୍ମ ନେଇଥିବା କେତେକ ଧର୍ମକୁ ବିଚାରକୁ ନେଇଥାଉ। ଯଥା- ହିନ୍ଦୁଧର୍ମ, ବୌଦ୍ଧଧର୍ମ, ଜୈନଧର୍ମ ଓ ଶିଖ ଧର୍ମ। ଦ୍ୱିତୀୟ ବର୍ଗରେ ଖ୍ରୀଷ୍ଟଧର୍ମ, ଇସଲାମ, ଜୋରୋଷ୍ଟ୍ରେରିଆନ ବା ପାର୍ସି ଧର୍ମ ଓ ଜୁଡାବାଦ । ଏହି ଦେଶ ଦୁଇଟିଯାକ ଧାର୍ମିକ ସମୁଦାର ସମଷ୍ଟିରେ ଗଠିତ ଏବଂ ସବୁ ଧର୍ମକୁ ସମାନ ଭାବେ ଦେଖିଥାଏ। ଏଣୁ ଏହାକୁ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର ବୋଲି କୁହାଯାଏ ।

## ଉଦ୍ଦେଶ୍ୟ (Objectives)

ଏଠାରେ ତୁମେ ପଢ଼ିବାକୁ ପାଇବ।

- ଭାରତରେ ଥିବା ବିଭିନ୍ନ ଧର୍ମର ବୈଶିଷ୍ଟ୍ୟ ବା ଲକ୍ଷ୍ୟଣ;
- ଧାର୍ମିକ ସମୁଦାୟଗୁଡିକ ମଧରେ ଥିବା ସମ୍ପର୍କ

## ୨୮.୧ ମୁଖ୍ୟ ଧାର୍ମିକ ଗୋଷ୍ଠୀ

ଏହି ଅଧ୍ୟାୟରେ ତୁମେ ପ୍ରତ୍ୟେକ ଧାର୍ମିକ ସମୁଦାୟକୁ ବିସ୍ତୃତ ଭାବେ ଏହାର ଉତ୍ପତ୍ତି, ବିଭିନ୍ନ ଗୁଣ ବା ଲକ୍ଷଣ, ପରସ୍ପର ମଧରେ ସମ୍ପର୍କ ଇତ୍ୟାଦି ସମ୍ବନ୍ଧରେ ଜାଣିପାରିବ ।

### ୨୮.୧.୧. ହିନ୍ଦୁ ଧର୍ମ Hinduism

ଭାରତ ମୋଟ ଜନସଂଖ୍ୟାର ପ୍ରାୟ ୮୩ ଭାଗ ଲୋକ ହେଉଛନ୍ତି ହିନ୍ଦୁ। ହିନ୍ଦୁମାନେ ମଧ



ଏସିଆର ଅନ୍ୟ ଦେଶମାନଙ୍କରେ, ଆଫ୍ରିକାରେ, ଆମେରିକାରେ, ଫିଜିରେ, ଇଂଲଣ୍ଡରେ ଦେଖାଯାଉଥାନ୍ତି । ପୃଥିବୀର କେତେକ ପୁରାତନ ଧର୍ମଗୁଡିକ ମଧ୍ୟରୁ ହିନ୍ଦୁଧର୍ମ ହେଉଛି ଅନ୍ୟତମ ।

ଖ୍ରୀଷ୍ଟପୂର୍ବ ୩୦୦୦ରୁ ସିନ୍ଧୁ ଉପତ୍ୟକା ସଭ୍ୟତାରୁ ଏହି ଧର୍ମର ଉତ୍ପତ୍ତି ସମ୍ବନ୍ଧରେ ଜଣାପଡେ । ଐତିହାସିକଙ୍କ ମତରେ ଖ୍ରୀଷ୍ଟପୂର୍ବ ୩୦୦୦-୨୦୦୦ ମଧ୍ୟରେ ମହାପ୍ରଭୁ ଶିବ ଓ ମାତା ଶିବା ବା ଶକ୍ତି ପ୍ରାକ- ଆର୍ଯ୍ୟଙ୍କ ସମୟରେ ଧରା ପୃଷ୍ଠକୁ ଆସିଥିଲେ। ହିନ୍ଦୁଧର୍ମର ସାରତତ୍ତ୍ୱ ବା ସିଦ୍ଧାନ୍ତ (doctrine) କୌଣସି ଗୋଟିଏ ପବିତ୍ର ପୁସ୍ତକରୁ ଆସିନାହିଁ। ଏହି ଧର୍ମ ଉପରେ ବିଶ୍ୱାସ କରି ଲୋକେ ବ୍ରହ୍ମା, ବିଷ୍ଣୁ, ଶିବ, ଦୁର୍ଗା, କାଳୀ, ଲକ୍ଷ୍ମୀ, ସରସ୍ୱତୀ ପ୍ରଭୃତି ବିଭିନ୍ନ ଦେବାଦେବୀଙ୍କୁ ପୂଜା ଉପାସନା କରିଥାନ୍ତି। ହିନ୍ଦୁଧର୍ମ ବହୁ ଈଶ୍ୱରବାଦ (polytheistic) ଉପରେ ପ୍ରତିଷ୍ଠିତ । ଅନ୍ୟପକ୍ଷରେ ଏହା ମଧ୍ୟ ଏକକ ଈଶ୍ୱର (Monotheistic) ଉପରେ କେନ୍ଦ୍ରୀଭୂତ ହୋଇଥାଏ। ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ କେତେକ ସାଧାରଣ ବିଶ୍ୱାସ ରହିଅଛି । ଉଦାହରଣ ସ୍ୱରୂପ- ପ୍ରତ୍ୟେକ ହିନ୍ଦୁ ଆତ୍ମାର ଅମରତ୍ୱ, ଆତ୍ମାର ଜୀବନ୍ତ ଆଦର୍ଶ, ଆତ୍ମାର ପୁର୍ନଜନ୍ମ, କର୍ମଫଳ ମୋକ୍ଷ ଓ ମାୟା ଇତ୍ୟାଦି । ହିନ୍ଦୁଧର୍ମ ବିଭିନ୍ନ ପନ୍ଥ ବା ସମ୍ପ୍ରଦାୟରେ ବିଭକ୍ତ ଯଥା- ଲିଙ୍ଗାୟତ, କବୀର ପନ୍ଥୀ, ଶାକ୍ତ, ରାଧାସ୍ୱାମୀ, ସତ୍‌ନାମୀ, ବ୍ରହ୍ମସମାଜ, ଆର୍ଯ୍ୟ ସମାଜ ଇତ୍ୟାଦି । ହିନ୍ଦୁଧର୍ମ ବେଦ, ଉପନିଷଦ, ଧର୍ମଶାସ୍ତ୍ର, ପୁରାଣ, ଦର୍ଶନ, ତନ୍ତ୍ର ଇତ୍ୟାଦି ସମଷ୍ଟିର ଏକ ବିରାଟ ଗ୍ରନ୍ଥ ଅଟେ । ଏଗୁଡିକ ସବୁ ଆଦର୍ଶବାଦ ଉପରେ ପ୍ରତିଷ୍ଠିତ।

ହିନ୍ଦୁଧର୍ମ ଜାତିପ୍ରଥାକୁ ବିଶ୍ୱାସ କରିଥାଏ। ଏଠାରେ ଚାରିପ୍ରକାର ବର୍ଣ୍ଣ ଦେଖାଯାଏ ଯାହାକି କୌଳିକ ବୃତ୍ତି ଉପରେ ଆଧାରିତ । ଏହି ଧର୍ମ ବିଶୁଦ୍ଧତା ଓ ଅବିଶୁଦ୍ଧତା ଉପରେ ବିଶ୍ୱାସ କରିଥାଏ। ହିନ୍ଦୁଧର୍ମ ମୁଖ୍ୟତଃ ଧର୍ମ, କର୍ମ ଏବଂ ମୋକ୍ଷ ପ୍ରାପ୍ତି ଉପରେ ଗୁରୁତ୍ୱ ଦେଇଥାଏ । ବ୍ୟକ୍ତି ନିଜର ଧର୍ମ ସମ୍ପାଦନ ପାଇଁ ହିନ୍ଦୁ ସାମାଜିକ ସଂରଚନାର ଅର୍ଥାତ୍ ବର୍ଣ୍ଣାଶ୍ରମ ବ୍ୟବସ୍ଥାର ସାହାଯ୍ୟ ନେଇଥାଏ। ବ୍ରହ୍ମଚର୍ଯ୍ୟ, ଗୃହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ ଆଶ୍ରମଗୁଡିକୁ ଅତିକ୍ରମ କରି ହିନ୍ଦୁଧର୍ମ ଜୀବନର ଅନ୍ତିମ ଲକ୍ଷ୍ୟ ଅର୍ଥାତ୍ ମୋକ୍ଷ ପ୍ରାପ୍ତି କରିପାରେ ବୋଲି ବିଶ୍ୱାସ କରେ। ଧର୍ମର ଅର୍ଥ ହେଉଛି କର୍ମ (duty) ଅର୍ଥାତ୍ ଜଣେ ହିନ୍ଦୁ ତାର ଜାତି, ଲିଙ୍ଗ ଓ ବୟସ ଅନୁଯାୟୀ ସତ୍ ମାର୍ଗରେ କାର୍ଯ୍ୟ କରିବା ଉଚିତ। ହିନ୍ଦୁମାନେ ଜନ୍ମ ଓ ମୃତ୍ୟୁ ଉପରେ ବିଶ୍ୱାସ କରିଥାନ୍ତି । ଏଣୁ ପୂର୍ବ ଜନ୍ମ ଅନୁଯାୟୀ ଏ ଜନ୍ମର ସେ ଲାଭ କ୍ଷତିର ହିସାବ ପାଇଥାଏ ଏବଂ ପରିଶେଷରେ ମୋକ୍ଷ ବା ନିର୍ବାଣ (Salvation) ହେଉଛି ହିନ୍ଦୁଧର୍ମର ଶ୍ରେଷ୍ଠ ପ୍ରାପ୍ତି ବା ଜୀବନ ଦର୍ଶନ।

କିନ୍ତୁ କାଳକ୍ରମେ ହିନ୍ଦୁ ଧର୍ମରେ ବ୍ୟାପକ ପରିବର୍ତ୍ତନ ଦେଖାଦେଇଛି। ସେଗୁଡିକ ମଧ୍ୟରେ ଅସ୍ପୃଶ୍ୟତା, ସତୀଦାହ ପ୍ରଥା, ବଳିଦାନ, ଶିଶୁ କନ୍ୟା ହତ୍ୟା ଇତ୍ୟାଦି ଯାହାକୁ ଇଂରେଜମାନେ ମଧ୍ୟ ସମାଲୋଚନା କରୁଥିଲେ। ଊନବିଂଶ ଶତାବ୍ଦୀର ଜଣେ ସମାଜ ସଂସ୍କାରକ ଶ୍ରୀଯୁକ୍ତ ରାଜା ରାମମୋହନ ରାୟ ୧୮୨୮ ମସିହାରେ "ବ୍ରହ୍ମ ସମାଜ" ପ୍ରତିଷ୍ଠା କଲେ। ଆଧ୍ୟାତ୍ମିକତା, ସହିଷ୍ଣୁତା ଓ ସର୍ବଧର୍ମ ସମନ୍ୱୟ ଥିଲା ବ୍ରହ୍ମ ସମାଜର ଆଦର୍ଶ। ୧୮୭୫ ମସିହାରେ ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ଦୟାନନ୍ଦ

ସରସ୍ୱତୀ ବେଦକୁ ଫେରିଯିବା ପାଇଁ ପରାମର୍ଶ ଦେଇଥିଲେ । ବେଦର ନୀତିଶିକ୍ଷା ଉପରେ ଦୟାନନ୍ଦ ସରସ୍ୱତୀଙ୍କ ଧର୍ମବାଣୀ ପ୍ରତିଷ୍ଠିତ । ସେ କହୁଥିଲେ ବେଦ ହେଉଛି ପ୍ରକୃତ ଜ୍ଞାନର ଉତ୍ସ ଓ ଭାରତୀୟ ଧର୍ମର ମୂଳଧାରା ।

## ୨୮.୧.୨ ଜୋରୋଷ୍ଟ୍ରେରୀଏନ୍‌ବା ପାର୍ସି ଧର୍ମ Zorostrianism

ଜୋରୋଷ୍ଟ୍ରୀଏନ୍ ବା ପାର୍ସି ଧର୍ମର ଜନ୍ମ ମାତ୍ର ତିନି ହଜାର ବର୍ଷ ପୂର୍ବରୁ । ଏହା ପ୍ରାକ୍-ଇସଲାମ୍ ଧର୍ମ ହିସାବରେ, ଏକ ମୁଖ୍ୟ ପୁରାତନ ଧର୍ମ । ଏହାର ଉତ୍ପତ୍ତି ପୂର୍ବ ଇରାନ୍‌ର ଜନଜାତି ବହୁଳ କୃଷି ସମାଜରେ ଦେଖାଯାଇଥିଲା । ଏହି ଧର୍ମଟି ଖ୍ରୀଷ୍ଟପୂର୍ବ ୧୦୦୦ରେ ଜନ୍ମ ନେଇ ଇରାନ୍ ସାମ୍ରାଜ୍ୟରେ ବିସ୍ତାର ଲାଭ କରିଥିଲା ପାର୍ସି ଧର୍ମ ବା ଜୋରୋଷ୍ଟେରୀଏନ୍ ଧର୍ମର ପ୍ରତିଷ୍ଠାତା ହେଉଛନ୍ତି ଜୋରୋଷ୍ଟର ବା ଜରାଥୁଷ୍ଟ୍ର । ଜୋରୋଷ୍ଟରଙ୍କ ସମ୍ବନ୍ଧରେ ଇତିହାସ କୁହେ ଯେ ଯେତେବେଳେ ପୃଥିବୀ ଖଳ ପ୍ରକୃତି ଲୋକଙ୍କ ହାତରେ ପଡିଲା ଭୂମାତା (ମାଟିମାତା) ଭଗବାନ (Almighty)ଙ୍କ ସମ୍ମୁଖରେ ଗୋଟିଏ ଗାଈ ରୂପରେ ଛିଡ଼ା ହେଲେ ଏବଂ ଭଗବାନଙ୍କୁ ତାଙ୍କୁ ରକ୍ଷା କରିବା ପାଇଁ ପ୍ରାର୍ଥନା କଲେ । ତା'ପରେ ଭଗବାନ ତାଙ୍କୁ ଆଶ୍ୱାସନା ଦେଇ କହିଲେ ଯେ ସେ ଜଣେ ଲୋକଙ୍କୁ ତୁମର ରକ୍ଷା ପାଇଁ ପଠେଇବେ ଯାହାଙ୍କ ନାମ ହେଉଛି ଜରାଥୁଷ୍ଟ୍ର । କିଛିଦିନ ପରେ ଇରାନର ରାଏ ସହରରେ ରାଜକୁମାର ପୋରୁସାସପାଙ୍କର ଗୋଟିଏ ପୁତ୍ର ସନ୍ତାନ ଜନ୍ମ ହେଲା ଯାହାର ନାମ ସ୍ପିତମା ଏବଂ ପରେ ସେ ଜରାଥୁଷ୍ଟ୍ର ନାମରେ ନାମିତ ହେଲା । ରାଜକୁମାର ପୋରୁସାସପା ସ୍ୱେଚ୍ଛାଚାରୀ ରାଜା (Tyrant chief) କାଳେ ତାଙ୍କ ପୁଅକୁ ହତ୍ୟା କରିବ ବୋଲି ଆଶଙ୍କା କରି ସେ ତାଙ୍କ ଶ୍ୱଶୁର ଘରକୁ ପଠାଇଦେଲେ । ସେ ତା ଅଜାଘରେ ରହି ପନ୍ଦର ବର୍ଷ ବୟସରେ ପ୍ରବଚନ ଦେବା ଆରମ୍ଭ କଲେ ଯାହାକି ଜୋରୋଷ୍ଟ୍ରେରିଏନ୍ ଧର୍ମରେ ଆଧାରିତ ଥିଲା । ଜୋରୋଷ୍ଟ୍ରେରିଏନ୍‌କୁ ମଜଦାବାଦ ମଧ୍ୟ କୁହାଯାଏ । ମଜ୍‌ଦାର ଅର୍ଥ ଜ୍ଞାନ (Wise) କିମ୍ବା ଅହୁରା ମଜ୍‌ଦା (wise God) ଯାହାକି ଜୋରୋଷ୍ଟ୍ରେରିଏନ୍ ନାମରେ ପରିଚିତ ଏବଂ ସେ ହେଉଛନ୍ତି ଏ ସଂସାରର ସୃଷ୍ଟିକର୍ତ୍ତା । ପାର୍ସିମାନେ ଏକକ ଈଶ୍ୱରଙ୍କ ଉପରେ ବିଶ୍ୱାସ କରିଥାନ୍ତି । ଅହୁରା ମଜ୍‌ଦାର କୌଣସି ଆକାର ନାହିଁ । ଏଣୁ ଭଗବାନଙ୍କ ବିଭିନ୍ନ ବୈଶିଷ୍ଟ ଏବଂ ଜରାଥୁଷ୍ଟ୍ରାଙ୍କ ଶିକ୍ଷାଦାନ ଇତ୍ୟାଦି ଗୋଟିଏ ପବିତ୍ର ପୁସ୍ତକରେ (Holy book) ଲିପିବଦ୍ଧ ହୋଇଅଛି ଯାହାକୁ "ଗାଥାସ" (Gathas) କୁହାଯାଏ ।

ଛୁଆଁ ଅଛୁଆଁ ଭେଦଭାବ ପାର୍ସି ସମ୍ପ୍ରଦାୟରେ ପରିଲକ୍ଷିତ ହୋଇଥାଏ । ଲୋକେ ନିର୍ଦ୍ଦିଷ୍ଟ ବିଧିବିଧାନ ଓ ପ୍ରତିଷ୍ଠିତ ନୈତିକ ପଦ୍ଧତିକୁ ଏହି ଧର୍ମର ଧର୍ମାବଲମ୍ବୀମାନେ ପାଳନ କରିଥାନ୍ତି । ଦୈନନ୍ଦିନ ପ୍ରାର୍ଥନା ଏବଂ ଋତୁ ଅନୁଯାୟୀ ପର୍ବପର୍ବାଣୀର ପାଳନ ଉପରେ ଗୁରୁତ୍ୱ ଦେଇଥାନ୍ତି ଏବଂ ଏହା ସେମାନଙ୍କର ପ୍ରଧାନ କର୍ତ୍ତବ୍ୟ ବୋଲି ଭାବିଥାଆନ୍ତି । ସାଧାରଣତଃ ଏହି ଧର୍ମାବଲମ୍ବୀମାନେ ପ୍ରକୃତି ପୂଜକ । ଅଗ୍ନି, ବାୟୁ, ସୂର୍ଯ୍ୟ, ଜଳ, ଇତ୍ୟାଦିକୁ ପବିତ୍ର ବୋଲି ଗ୍ରହଣ



କରୁଥିଲେ, କିନ୍ତୁ ପରବର୍ତ୍ତୀ କାଳରେ କେବଳ ଅଗ୍ନିକୁ ପୂଜା କରି ଆସୁଛନ୍ତି । "ଜିନ୍ଦୋବେସ୍ତା" ପାର୍ସିମାନଙ୍କର ଧର୍ମଗ୍ରନ୍ଥ ଅଟେ। ଯଜ୍ଞ, ବ୍ରତ, ଆହୁତି ଇତ୍ୟାଦି ପଦ୍ଧତି ନିଷ୍ଠାର ସହିତ ପାଳନ କରିଥାନ୍ତି । ଏହି ଧର୍ମର ଲୋକେ ସଂସ୍କୃତି ସମ୍ପନ୍ନ ଅଟନ୍ତି ଏବଂ ସେମାନଙ୍କ ସଂସ୍କାର ଅନ୍ୟ ଧର୍ମଠାରୁ ଭିନ୍ନ ଅଟେ। ଅଧିକାଂଶ ପାର୍ସି ଭାରତର କେବଳ ସହରାଞ୍ଚଳରେ ବାସ କରିଥାନ୍ତି। ଭାରତର ବିଶିଷ୍ଟ ଶିଳ୍ପପତି ଓ ପ୍ରତିଷ୍ଠିତ ବ୍ୟକ୍ତି ଏହି ଧର୍ମର। ଯଥା-ଦାଦାଭାଇ ନାରୋଜୀ, ପି. ମେହେଟା ଓ ଟାଟା ପରିବାର ।

### ପାଠଗତ ପ୍ରଶ୍ନ ୨୮.୧

ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ଦିଅ ।

୧. ଭାରତର ହିନ୍ଦୁମାନଙ୍କ ସଂଖ୍ୟା କେତେ ?

୨. ପୃଥିବୀରେ କେଉଁ କେଉଁ ଦେଶରେ ହିନ୍ଦୁମାନେ ଦେଖାଯାଆନ୍ତି ?

୩. ହିନ୍ଦୁ ଧର୍ମ କେଉଁ ସଭ୍ୟତାରୁ ଆସିଛି ବୋଲି ବିଶ୍ୱାସ କରାଯାଏ ?

୪. ପ୍ରାକ୍-ଇସଲାମିୟ ଇରାନ୍‌ର ଧର୍ମ କ'ଣ ?

୫. ଭାରତର କେଉଁ ସ୍ଥାନମାନଙ୍କରେ ଜୋରୋଷ୍ଟ୍ରେରିଏନ୍ ଧର୍ମର ଅନୁସରଣକାରୀମାନେ ବାସ କରନ୍ତି ?

### ୨୮.୧.୩ ବୌଦ୍ଧ ଧର୍ମ Buddhism

ସମ୍ରାଟ ଅଶୋକଙ୍କ ରାଜତ୍ୱ କାଳରେ (ଖ୍ରୀଷ୍ଟପୂର୍ବ ୨୭୩-୨୩୬) ବୌଦ୍ଧଧର୍ମ ଗୋଟିଏ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲା। ବୌଦ୍ଧଧର୍ମକୁ ସନାତନ ଧର୍ମର ଦ୍ୱିତୀୟ ନବଜାଗରଣ ବୋଲି କୁହାଯାଏ। ଗୌତମବୁଦ୍ଧ ବୌଦ୍ଧ ଧର୍ମର ପ୍ରତିଷ୍ଠାତା ଯାହାକି ଷଷ୍ଠ ଶତାବ୍ଦୀରେ ଆବିଷ୍କୃତ ହୋଇଥିଲା। ଗୌତମ ବୁଦ୍ଧ ସନାତନ ଧର୍ମର ଆଦର୍ଶ ଭାରତ ତଥା ବିଶ୍ୱରେ ପ୍ରଚାର ଓ ପ୍ରସାର କରିଥିଲେ। କିନ୍ତୁ ଏହାର ବିଧି ବିଧାନକୁ ଓ ପୁରୋହିତମାନଙ୍କର ପ୍ରାଧାନ୍ୟକୁ ସମାଲୋଚନା କରିଥିଲେ। ଗୌତମ ବୁଦ୍ଧ ନୈତିକତାକୁ ପ୍ରାଧାନ୍ୟ ଦେଉଥିଲେ। ତେଣୁ ବୁଦ୍ଧଙ୍କ ବାଣୀ କର୍ମ ଉପଯୋଗୀ ହୋଇ ରହିଆସୁଅଛି। ବୌଦ୍ଧ ଧର୍ମର ଗ୍ରନ୍ଥର ନାମ "ତ୍ରିପିଟକ୍" । ଏହି ଗ୍ରନ୍ଥ ସୁତ୍ତପିଟକ, ବିନୟ ପିଟକ ଓ ଅଭିଧର୍ମ ପିଟକ ଗ୍ରନ୍ଥର ସମ୍ମିଶ୍ରଣରୁ ଆସିଅଛି । ବୁଦ୍ଧଙ୍କ ପରେ ତାଙ୍କ ଶିଷ୍ୟମାନେ ପ୍ରଥମେ ଏହାକୁ ପାଲୀ ଭାଷାରେ ଏବଂ ପରେ ସଂସ୍କୃତ ଭାଷାରେ ଲିପିବଦ୍ଧ କରିଥିଲେ। ହର୍ଷବର୍ଦ୍ଧନ ଓ ପାଲି ସମ୍ରାଟମାନେ ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାରକୁ ବିଶେଷ ଗୁରୁତ୍ୱ ଦେଇଥିଲେ।

କିନ୍ତୁ ମୁସଲମାନ ସୈନ୍ୟମାନେ ଯେତେବେଳେ ଭାରତକୁ ଆସିଲେ ସେତେବେଳେ ସେମାନେ ଅନେକଗୁଡିଏ ବୌଦ୍ଧ ଆଶ୍ରମ ଧ୍ୱଂସ କରିଥିଲେ। ଏହା ପ୍ରସାର ହୋଇ ନପାରିବାର ଅନ୍ୟ ଏକ କାରଣ ହେଲା ବୌଦ୍ଧ ଧର୍ମର ଅନେକ ଚିନ୍ତାଧାରା, ଭାବନା, ହିନ୍ଦୁ ଧର୍ମରେ ମିଶିଗଲା । ହିନ୍ଦୁଧର୍ମରେ ବୌଦ୍ଧ ଧର୍ମର ଚିନ୍ତାଧାରା ଯେମିତି ପ୍ରବେଶ କଲା ଠିକ୍ ସେହିପରି ବୌଦ୍ଧ ଧର୍ମରେ ମଧ ହିନ୍ଦୁ ଧର୍ମର ଅନେକ ଲକ୍ଷଣ ଦେଖିବାକୁ ମିଳିଲା ।

ବର୍ତ୍ତମାନ ନେପାଳ ଠାରେ ବସବାସ କରୁଥିବା ବୌଦ୍ଧଧର୍ମାବଲମ୍ବୀମାନେ ହିନ୍ଦୁ ଧର୍ମର କେତେକ ବୈଶିଷ୍ଟ୍ୟ ସାଙ୍ଗେ ସମ୍ପୃକ୍ତ । ଏହି ପୁରୋହିତମାନଙ୍କୁ "ବଜ୍ରାଚାର୍ଯ୍ୟ" (Vajracharya) କୁହାଯାଏ ଯେଉଁମାନେ ତାନ୍ତ୍ରିକ ପୁରୋହିତ ଏବଂ ବିବାହ କରିଥାନ୍ତି। ଏଣୁ ଏମାନଙ୍କୁ ବଜ୍ରାଚାର୍ଯ୍ୟ ବୌଦ୍ଧଧର୍ମୀ ବୋଲି ମଧ କୁହାଯାଏ। ତିବ୍ବତର ମୂଳ ବୌଦ୍ଧ ଧର୍ମୀମାନେ ଲଦାଖ, ସିକିମ, ଭୁଟାନ୍ ଓ ନେପାଳରେ ମଧ ଦେଖାଯାଆନ୍ତି । ଭାରତର ବିଭିନ୍ନ ଜାଗାରେ ବସବାସ କରୁଥିବା ତିବ୍ବତୀୟ ଶରଣାର୍ଥୀମାନେ ମଧ ଏହି ଗୋଷ୍ଠୀର । ଭାରତୀୟ ଉପମହାଦେଶରେ ବୌଦ୍ଧ ଧର୍ମର ପୁନରୁଦ୍ଧାର ପାଇଁ କେତେକ ପଦକ୍ଷେପ ନିଆଯାଇଥିଲା। ଅନାଗରିକ ଧର୍ମପଦ ନାମରେ ଜଣେ ସିଂହଳୀ ସାଧୁ ବୌଦ୍ଧଧର୍ମର ପୁନରୁଦ୍ଧାର ପାଇଁ ୧୮୯୧ ମସିହାରେ "ମହାବୋଧି ସମାଜ" (Mahabodhi society) ନାମରେ ଏକ ସଂଗଠନ ପ୍ରତିଷ୍ଠା କରିଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୌଦ୍ଧଧର୍ମ ଶିକ୍ଷାର ପ୍ରସାର ଓ ପ୍ରଚାର। ଏହି ସଂଗଠନ ବୌଦ୍ଧଗୟା ମନ୍ଦିରର ମରାମତି କାର୍ଯ୍ୟ ମଧ କରିଥିଲା। ଡକ୍ଟର ବି.ଆର. ଆମ୍ବେଦକର (ଭାରତୀୟ ସମ୍ବିଧାନର ରଚୟିତା) ୧୯୫୬ ମସିହା ଅକ୍ଟୋବର ୧୪ ତାରିଖ ଦିନ ନାଗପୁରଠାରେ ବୌଦ୍ଧଧର୍ମ ଗ୍ରହଣ କଲାପରେ ହଜାର ହଜାର ଲୋକ ଏହି ଧର୍ମରେ ଦୀକ୍ଷିତ ହେଲେ । ଏହାଛଡ଼ା ମାହର ସମ୍ପ୍ରଦାୟର (ଆମ୍ବେଦକରଙ୍କ ସମ୍ପ୍ରଦାୟ) ହଜାର ହଜାର ଲୋକ ମଧ ନିଜ ଧର୍ମ ଛାଡ଼ି ବୌଦ୍ଧଧର୍ମ ଗ୍ରହଣ କଲେ। କିଛିଦିନ ଗଲାପରେ ଆଗ୍ରାର ଯାତବ ସମ୍ପ୍ରଦାୟର (ଚମଡା କାର୍ଯ୍ୟରେ ନିୟୋଜିତ) ଲୋକ ମଧ ବୌଦ୍ଧ ଧର୍ମରେ ଦୀକ୍ଷିତ ହେଲେ। ବୌଦ୍ଧ ଧର୍ମୀମାନଙ୍କୁ ମଧ ନବ ବୌଦ୍ଧ ଧର୍ମାବଲମ୍ବୀ କୁହାଯାଏ କେତେକ ବୌଦ୍ଧଧର୍ମୀଙ୍କ ମତରେ ଡକ୍ଟର ଆମ୍ବେଦକରଙ୍କୁ "ବୋଧିସତ୍ୱ ଆମ୍ବେଦକର କୁହାଯାଏ। ବର୍ତ୍ତମାନ ଭାରତର ମୋଟ ଜନସଂଖ୍ୟାର ମାତ୍ର ୦.୮ଭାଗ ଲୋକ ଏହି ଧର୍ମର ।

## ୨୮.୧.୪ ଜୈନ ଧର୍ମ Jainism

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ବର୍ଦ୍ଧମାନ ମହାବୀର ଜୈନଧର୍ମ ପ୍ରତିଷ୍ଠା କରିଥିଲେ। ଏକଦା ଏହି ଧର୍ମ ଭାରତରେ ବିସ୍ତାର ଲାଭ କରିଥିଲା ଯଦିଓ ଏହି ଧର୍ମର ଅନୁଗାମୀଙ୍କ ସଂଖ୍ୟା ଭାରତରେ ଖୁବ୍ କମ୍ । ଏହି ଧର୍ମାବଲମ୍ବୀମାନେ ଗୁଜୁରାଟ, ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ କର୍ଣ୍ଣାଟକରେ ଦେଖିବାକୁ ମିଳିଥାନ୍ତି। ଅତୀତରେ ବୌଦ୍ଧ ଧର୍ମ ଓ ବ୍ରାହ୍ମଣଧର୍ମ ଜୈନ ଧର୍ମର



କେତେକ ମୁଖ୍ୟ ଉପାଦାନଗୁଡ଼ିକୁ ଗ୍ରହଣ କରିଥିଲେ । ଯଥା- କାହାରି କ୍ଷତି ନକରିବା, ଅହିଂସା ଇତ୍ୟାଦି । ଏହା ଭାରତୀୟ ସଂସ୍କୃତିର ମୂଳ ଉଦ୍ଦେଶ୍ୟ ହୋଇ ରହିଛି । ଜୈନଧର୍ମ ହିନ୍ଦୁ ଧର୍ମ ପରି ଆତ୍ମା, କର୍ମତତ୍ତ୍ୱ, ଜନ୍ମ ଓ ମୃତ୍ୟୁର ଜୀବନ ଚକ୍ରରେ ବିଶ୍ୱାସ କରେ । ତ୍ରିରତ୍ନ (Triratna ବା Three Jewels) ଜୈନ ଧର୍ମର ଧର୍ମଗ୍ରନ୍ଥ ଅଟେ । ଏହା ଏକ ଜୀବନ ଦର୍ଶନ ଅଟେ । ଏହା ବିଶେଷତଃ ସମ୍ୟକ ବିଶ୍ୱାସ, ସମ୍ୟକ ଜ୍ଞାନ ଓ ସମ୍ୟକ କର୍ମ ଉପରେ ପର୍ଯ୍ୟବେସିତ । ଏହି ଧର୍ମକୁ "ପଞ୍ଚଯାମ" ମଧ୍ୟ କୁହାଯାଏ । କାରଣ ଏହି ଧର୍ମରେ ବ୍ୟକ୍ତି ପାଞ୍ଚଗୋଟି ବ୍ରତ ଉପରେ ଗୁରୁତ୍ୱ ଦେଇଥାଏ । ଯଥା- ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ, ଏହି ଧର୍ମ ବ୍ରାହ୍ମଣମାନଙ୍କ ପ୍ରାଧାନ୍ୟକୁ ଗୁରୁତ୍ୱ ଦେଇନଥାଏ । ପୁରୁଷ ଓ ମହିଳାଙ୍କୁ ସମାନ ଅଧିକାର ଦେଇଥାଏ । ତେଣୁ ଏହି ଧର୍ମକୁ ସାମ୍ୟ ଓ ମୈତ୍ରୀର ଧର୍ମ ବୋଲି ବିଚାର କରାଯାଏ ।

ଜୈନ ସମୁଦାୟର ସଦସ୍ୟମାନେ ଚାରୋଟି ସଂଗଠନରେ ବାସ କରିଥାନ୍ତି ଯାହାକୁ ସଂଘ କୁହାଯାଏ । ଯଥା-ସନ୍ନ୍ୟାସୀ (Monk), ସନ୍ନ୍ୟାସିନୀ (Nun), ସାଧାରଣ ପୁରୁଷ ଓ ସାଧାରଣ ସ୍ତ୍ରୀ ଏବଂ ଏମାନେ ସମସ୍ତେ ଜୈନ ଧର୍ମ ଦ୍ୱାରା ନିର୍ଦ୍ଦେଶିତ ସମସ୍ତ ବିଧିବିଧାନକୁ ମାନି ଚଳିଥାନ୍ତି । ଏମାନଙ୍କର କେତେକ ମୌଳିକ ଧର୍ମ ବା କର୍ମ ହେଲା- ଅନ୍ୟକୁ ଆଘାତ ନଦେବା, ଅସତ୍ୟ ନକହିବା, ନଦେବା ଜିନିଷ ନନେବା, ଅବିଶୁଦ୍ଧ ଜୀବନଯାପନ ନକରିବା, ରାତିରେ ନଖାଇବା ଓ ନପିଇବା ଇତ୍ୟାଦି । ସେମାନେ କୌଣସି ମୂଳ ଜାତୀୟ ଜିନିଷ ଗ୍ରହଣ କରନ୍ତି ନାହିଁ । ଯଥା-ଆଳୁ, ପିଆଜ, ଅଦା ଓ ବିଭିନ୍ନ ମଞ୍ଜି । ମୁଖ୍ୟତଃ ଜୈନମାନେ ଦୁଇ ଭାଗରେ ବିଭକ୍ତ । ଯଥା ଶ୍ୱେତାମ୍ବର (Svetambar) ଏବଂ ଦିଗାମ୍ବର (Digambar) । ଶ୍ୱେତାମ୍ବର ସମ୍ପ୍ରଦାୟର ଲୋକେ ଶ୍ୱେତବସ୍ତ୍ର ପରିଧାନ କରୁଥିବାବେଳେ ଦିଗାମ୍ବରମାନେ ଉଲଗ୍ନ ରହିଥାନ୍ତି । ଜୈନଧର୍ମୀମାନେ ଆତ୍ମଶୁଦ୍ଧି ନିମନ୍ତେ ଉପବାସ କରିଥାନ୍ତି ଏବଂ ନିଜକୁ କଷ୍ଟ ଦେଇଥାନ୍ତି । ଏକାଗ୍ରତା, ଆତ୍ମନିୟନ୍ତ୍ରଣ, ଶୁଦ୍ଧ ଚିନ୍ତନ ପାଇଁ ମାନସିକ ଯନ୍ତ୍ରଣା ଦେଇଥାନ୍ତି । ତପସ୍ୟା ମାଧ୍ୟମରେ ବ୍ୟକ୍ତି ନିଜର ଆଧ୍ୟାତ୍ମିକ ଜ୍ଞାନର ବିକାଶ ଓ ଉନ୍ନତି କରିବା ସହିତ ସମାଜର ଉପକାର କରିଥାନ୍ତି । ତେଣୁ ଜୈନ ଧର୍ମାବଲମ୍ବୀମାନେ ନିଃସ୍ୱାର୍ଥପରତାକୁ ସମାଜର ଉନ୍ନତି ପାଇଁ ଏକ ଉଚିତ ମାର୍ଗ ବୋଲି ଗ୍ରହଣ କରିଥାନ୍ତି ଏବଂ ତଦନୁରୁପେ ପରିଚାଳିତ ଓ ନିୟନ୍ତ୍ରିତ ହୋଇଥାନ୍ତି । ଏହି ଧର୍ମାବଲମ୍ବୀମାନେ ଭାରତରେ ସବୁଠାରୁ ଧନୀ ଓ ସମୃଦ୍ଧିଶାଳୀ ସମୁଦାୟ ଅଟନ୍ତି । ସାଧାରଣତଃ ଏହି ଧର୍ମର ଲୋକେ ନିଜକୁ ବାଣିଜ୍ୟ ଓ ବ୍ୟବସାୟରେ ନିୟୋଜିତ କରିଥାନ୍ତି । ଜୈନଧର୍ମର କିଛି ପରିମାଣରେ ହିନ୍ଦୁ ଓ ବୌଦ୍ଧଧର୍ମ ସହିତ ସାମଞ୍ଜସ୍ୟ ଥିଲେ ମଧ୍ୟ ଅନେକାଂଶରେ ନିଜର ଜୀବନ ଧାରା ଓ ବ୍ୟବହାରିକ ପଦ୍ଧତିରେ ଅନ୍ୟ ଧର୍ମଠାରୁ ସମ୍ପୂର୍ଣ୍ଣ ଭିନ୍ନ ଅଟେ । ଏହି ଭିନ୍ନତାକୁ ଭିତ୍ତିକରି ଏହି ଧର୍ମ ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରିଥାଏ ।



## ପାଠଗତ ପ୍ରଶ୍ନ ୨୮.୨

ନିମ୍ନରେ ଲେଖାଯାଇଥିବା ପ୍ରଶ୍ନଗୁଡିକ ଠିକ୍ ଥିଲେ 'ଠିକ୍' ବୋଲି ଲେଖିବ ଓ ଭୁଲ ଥିଲେ ଭୁଲ ବୋଲି ଲେଖିବ ।

(କ) ହର୍ଷ ବର୍ଦ୍ଧନ ଓ ପଲା ସମ୍ରାଟମାନେ ବୌଦ୍ଧ ଧର୍ମର ପୃଷ୍ଠପୋଷକତା ପାଇଁ ସମସ୍ତ ବ୍ୟବସ୍ଥା କରିଥିଲେ ।

(ଖ) କେତେକ ଗବେଷକ ବୌଦ୍ଧ ଧର୍ମ ଏକ ଶାନ୍ତିପ୍ରିୟ ଧର୍ମ ବୋଲି କହିଥାନ୍ତି ।

(ଗ) ଭାରତ ମୋଟ ଜନସଂଖ୍ୟାର ୨୦ ଭାଗ ଲୋକ ହେଉଛନ୍ତି ବୌଦ୍ଧ ଧର୍ମର ।

(ଘ) ଜୈନମାନେ ୨୪ ତୀର୍ଥଙ୍କର ଉପରେ ବିଶ୍ୱାସ କରନ୍ତି ।

(ଙ) ତିବ୍ବତୀୟ ଶରଣାର୍ଥୀମାନେ ଭାରତରେ ଜୈନଧର୍ମ ଅନୁସରଣ କରନ୍ତି ।

### ୨୮.୧.୫. ଖ୍ରୀଷ୍ଟଧର୍ମ Christianity

ଖ୍ରୀଷ୍ଟଧର୍ମ ଏକକ ଈଶ୍ୱର ଉପରେ ବିଶ୍ୱାସ କରେ । ପ୍ରଭୁ ଯିଶୁଖ୍ରୀଷ୍ଟ ଏହି ଧର୍ମର ପ୍ରବର୍ତ୍ତକ ଅଟନ୍ତି । ଏହା ବିଶ୍ୱାସ କରାଯାଏ ଯେ ପ୍ରଭୁଙ୍କର ବାଣୀ ବା ଧର୍ମ ସର୍ବପ୍ରଥମେ ସେଣ୍ଟ ଥୋମାସ ଏବଂ ସେଣ୍ଟ ବାର୍ଥୋଲମିୟୁ ଭାରତରେ ପ୍ରସାର ଓ ପ୍ରଚାର କରାଇଥିଲେ । ଷୋଡଶ ଶତାବ୍ଦୀରେ ପର୍ତ୍ତୁଗୀଜମାନଙ୍କ ଭାରତ ଆଗମନ ଖ୍ରୀଷ୍ଟ ଧର୍ମକୁ ଭାରତରେ ପ୍ରବେଶ କରାଇବାରେ ସାହାଯ୍ୟ କରିଥିଲା । ପରବର୍ତ୍ତୀ ସମୟରେ ଓଲନ୍ଦାଜ (Dutch) ଇଂରେଜ (British) ଏବଂ ଫରାସୀ (French)ମାନଙ୍କର ଭାରତରେ ପ୍ରବେଶ ଓ ରାଜତ୍ୱ କରି ଧର୍ମାନ୍ତରୀକରଣ ମାଧମରେ ଖ୍ରୀଷ୍ଟଧର୍ମର ପ୍ରଚାର ଓ ପ୍ରସାର କରିପାରିଥିଲେ । ବାଇବେଲ (Bible) ଖ୍ରୀଷ୍ଟିୟାନମାନଙ୍କର ପବିତ୍ର ଧର୍ମଗ୍ରନ୍ଥ ଅଟେ । ଖ୍ରୀଷ୍ଟଧର୍ମର ମୂଳମନ୍ତ୍ର ହେଲା (କ) ସକ୍ରିୟ ସେବା (ଖ) ପ୍ରେମ ଓ (ଗ) ପ୍ରଭୁ ଯିଶୁଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ରଖିବା । ଖ୍ରୀଷ୍ଟଧର୍ମାବଲମ୍ବୀମାନେ ଦେଶର ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ଭାବରେ ରହିଛନ୍ତି । କିନ୍ତୁ ସେମାନେ ଭାରତର ଦକ୍ଷିଣାଞ୍ଚଳରେ ବିଶେଷତଃ କେନ୍ଦ୍ରୀଭୂତ ହୋଇଥାନ୍ତି । ଏହି ଧାର୍ମିକ ସମ୍ପ୍ରଦାୟର ଲୋକେ କେରଳ ରାଜ୍ୟରେ ଅଧିକ ସଂଖ୍ୟାରେ ଦେଖାଯାଆନ୍ତି । କେରଳରେ ସେମାନଙ୍କ ସଂଖ୍ୟା ସମୁଦାୟ ରାଜ୍ୟ ଜନସଂଖ୍ୟାର ଶତକଡ଼ା ୨୫ ଭାଗ । କିନ୍ତୁ ବିଶ୍ୱାସ କରାଯାଏ ଯେ ଚତୁର୍ଥ ଶତାବ୍ଦୀରୁ ଭାରତରେ ଚର୍ଚ୍ଚଗୁଡିକ ସ୍ଥାପିତ ହୋଇଥିଲା ଏବଂ ପୂଜାର୍ଚ୍ଚନା ସିରିଆନ୍ ଭାଷାରେ ହେଉଥିଲା ଏବଂ ମେସୋପୋଟାମିଆଁରୁ ଆସିଥିବା ଧର୍ମଯାଜକମାନେ (Bishop) ପୂଜା କରୁଥିଲେ । ଏଣୁ ଏହି ଖ୍ରୀଷ୍ଟିୟାନମାନଙ୍କୁ 'ସିରିଆନ୍ ଖ୍ରୀଷ୍ଟିୟାନ' କୁହାଯାଏ ।

ଦ୍ୱିତୀୟ ଆନ୍ଦୋଳନଟି ଷୋଡଶ ଶତାବ୍ଦୀରେ ହୋଇଥିଲା ଯେତେବେଳେ ୟୁରୋପୀୟମାନେ



ସାରା ଭାରତରେ ରାଜନୀତିକୁ ନିୟନ୍ତ୍ରିତ କରୁଥିଲେ। ୧୫୧୦ ମସିହାରେ ପର୍ତ୍ତୁଗୀଜମାନେ ଗୋଆକୁ ଅକ୍ତିଆର କରିବା ପରେ ବାଣିଜ୍ୟ ବ୍ୟବସାୟକୁ ବଢେଇବା ସଙ୍ଗେ ସଙ୍ଗେ ଧର୍ମାନ୍ତରୀକରଣ ପ୍ରକ୍ରିୟାରେ ଲାଗିପଡିଲେ । ଷୋଡଶ ଶତାବ୍ଦୀର ଶେଷ ଭାଗରେ ଅଧିକାଂଶ ଲୋକ ନିଜ ଧର୍ମ ପରିବର୍ତ୍ତନ କରି ରୋମାନ କାଥେଲିକ୍ ଚର୍ଚ୍ଚର ସଦସ୍ୟ ହୋଇସାରିଥିଲେ। ତାପରେ ୧୭୦୬ ମସିହାରେ ଡେନମାର୍କ ରାଜାଙ୍କ ସହାୟତାରେ ପ୍ରୋଟେଷ୍ଟାଣ୍ଟମାନେ ଭାରତକୁ ପଶିବାକୁ ସମର୍ଥ ହେଲେ। ୧୮୫୮ ମସିହାରେ ଇଂରେଜ ସରକାର ଇଷ୍ଟ ଇଣ୍ଡିଆ କମ୍ପାନୀର କାର୍ଯ୍ୟଭାର ନେଲା ପରେ ଖ୍ରୀଷ୍ଟଧର୍ମର ପ୍ରଚାର ଓ ପ୍ରସାର କାର୍ଯ୍ୟକୁ ଗୁରୁତ୍ୱ ଦେଇଥିଲା। ବର୍ତ୍ତମାନ ଭାରତ ଜନସଂଖ୍ୟାର ଶତକଡ଼ା ୩ ଭାଗ ହେଉଛନ୍ତି ଖ୍ରୀଷ୍ଟିୟାନ। ଖ୍ରୀଷ୍ଟିୟାନ ମିସିନେରୀମାନେ ଜାତିପ୍ରଥାକୁ ବିରୋଧ କରୁଥିଲେ। ଏଣୁ ନୀଚ ଜାତିର ଲୋକେ ବେଶୀ ମାତ୍ରାରେ ଖ୍ରୀଷ୍ଟିୟାନ ଧର୍ମଗ୍ରହଣ କରୁଥିଲେ। ଏହାଛଡ଼ା ଗ୍ରାମାଞ୍ଚଳରେ ବିଶେଷତଃ ଜନଜାତି ଅଞ୍ଚଳରେ ଧର୍ମାନ୍ତରୀକରଣକୁ ଅଧିକ ଗୁରୁତ୍ୱ ଦିଆଗଲା। ଲୋକଙ୍କ ମଧ୍ୟରେ ଶିକ୍ଷାର ହାର ବଢିବାକୁ ଲାଗିଲା। ଅନେକ ଅଞ୍ଚଳରେ ଏହି ଧର୍ମ ପ୍ରଚାରକ ସଂଘ (Missionaries) ଲୋକଙ୍କୁ ଆର୍ଥିକ ସାହାଯ୍ୟ ମଧ ପ୍ରଦାନ କରୁଥିଲେ। ଏଣୁ ସେମାନଙ୍କ ଜୀବନଧାରଣ ବ୍ୟବସ୍ଥାରେ ଉନ୍ନତି ଦେଖାଦେଲା। ଏପରିକି ଉତ୍ତର ପୂର୍ବାଞ୍ଚଳରେ ଜନଜାତି ଭାଷାଗୁଡିକ ରୋମାନ ଭାଷାରେ ମଧ ସ୍ଥାନ ପାଇଲା। ଏଣୁ ପରିଶେଷରେ ଏତିକି କୁହାଯାଇପାରେ ଯେ ଖ୍ରୀଷ୍ଟଧର୍ମ ଭାରତରେ ଅନେକ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଅଛି।

### ୨୮.୧.୬. ଜୁଡାବାଦ Judaism

ଇହୁଦିମାନଙ୍କ ଧର୍ମକୁ ଜୁଡାବାଦୀ ବା ଜୀଉ ଧର୍ମ କୁହାଯାଏ। ଏହି ଧର୍ମୀୟ ସମୁଦାୟଟି ଭାରତରେ ଏକ କ୍ଷୁଦ୍ରସମୁଦାୟ ଅଟେ। ଏହି ସମ୍ପ୍ରଦାୟର ଲୋକେ କେବଳ କେରଳର କୋଚିନ ଓ ମହାରାଷ୍ଟ୍ରରେ ଦେଖିବାକୁ ମିଳନ୍ତି । ୧୦୨୦ ମସିହାରେ କୋଚିନର ରାଜା ଏମାନଙ୍କୁ ବସବାସ କରିବା ପାଇଁ ଅନୁମତି ଦେଇଥିଲେ ପରେ ହାତୀରେ ଚଢିବା ଅଧିକାର ସହିତ ରାଜ୍ୟର ବାସିନ୍ଦା ହୋଇ ରହିଲେ। ଭାରତରେ ଜୀଉ ସମ୍ପ୍ରଦାୟ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ ଯଥା– ଧଳାଜୀଉ (white Jews) ଏବଂ କଳାଜୀଉ (Black jews)। ଏହି ଦୁଇ ଗୋଷ୍ଠୀ ଦେହର ରଙ୍ଗକୁ ନେଇ ଧଳା ଏବଂ କଳା ହୋଇଛନ୍ତି। ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାହ ହେବା, ଏକା ସାଙ୍ଗେ ବସି ଖାଇବା ଇତ୍ୟାଦିକୁ ବାରଣ କରାଯାଇଥାଏ।

ମହାରାଷ୍ଟ୍ରରେ ବସବାସ କରୁଥିବା ଜୀଉମାନଙ୍କ ସଂଖ୍ୟା କୋଚିନ ଠାରୁ ଅଧିକ । ଏହି ଜୀଉ ଲୋକମାନଙ୍କୁ ବେନେ ଇସରାଇଲ (Bene Isreal) ବା sons of israel କୁହାଯାଏ। "ହିବୃ ବାଇବେଲ" ବା ତୋରାହା (Torah) ଏହି ଧର୍ମର ପବିତ୍ର ଅନୁଚ୍ଛେଦ ଅଟେ। ସିନାଗଗ୍ (Synagogue) ଏହି ଧର୍ମରେ ଥିବା ମନ୍ଦିରର ନାମ ଅଟେ । ଏହି ଧର୍ମୀୟ ବ୍ୟକ୍ତିମାନେ ସାଧାରଣତଃ ଭାରତୀୟ ପ୍ରଥା, ଦୈନନ୍ଦିନ ଚଳଣି, ପୋଷାକ ପରିଚ୍ଛଦ ଇତ୍ୟାଦିକୁ ନିଜ ଜୀବନ



ଧାରାରେ ସାମିଲ କରିଦେଇଛନ୍ତି । ତେଣୁ ଭାରତୀୟ ସମାଜରେ ସେମାନେ ନିଜକୁ ସାମିଲ କରିପାରିଛନ୍ତି । ଏହା ହିଁ ଏହି ଧର୍ମର ବିଶେଷତ୍ୱ ।

**ପାଠଗତ ପ୍ରଶ୍ନ ୨୮.୩**

ଶୂନ୍ୟସ୍ଥାନ ପୂରଣ କର ।

(କ) ଖ୍ରୀଷ୍ଟଧର୍ମ ହେଉଛି ଏକ............ ବିଶ୍ୱାସ ।

(ଖ) ଜୁଡାବାଦର ଅନୁସରଣକାରୀଙ୍କୁ ................ କୁହାଯାଏ ।


(ଗ) ଭାରତରେ ଜୀଉମାନେ ............... ଓ .................. ଭାଗରେ ବିଭକ୍ତ ।

(ଘ) .................. ଭଗବାନଙ୍କ ଇଚ୍ଛା ଅନୁଯାୟୀ ବଛା ହୋଇଥାନ୍ତି ।

(ଙ) ଉତ୍ତରପୂର୍ବ ଭାରତର ଅନେକ ଜନଜାତି ସମୂହ ...... ଧର୍ମକୁ ଆପଣାଇ ଥିଲା ।

### ୨୮.୧.୭ ଇସଲାମଧର୍ମ Islam

ଏହି ଅଧ୍ୟାୟରେ ତୁମେ ଇସଲାମ୍ ଧର୍ମ ସମ୍ବନ୍ଧରେ ଅଧ୍ୟୟନ କରିବ । ଭାରତ ଜନସଂଖ୍ୟାର ଶତକଡ଼ା ୧୩ ଭାଗ ଲୋକ ଏହି ଧର୍ମର । ଇଣ୍ଡୋନେସିଆ ପରେ ଭାରତରେ ସବୁଠାରୁ ଅଧିକ ସଂଖ୍ୟାରେ ମୁସଲମାନ ବାସ କରନ୍ତି । ଆରବୀୟ ଶବ୍ଦ "slm"ରୁ ଇସଲାମ ଶବ୍ଦଟି ଆସିଛି ଯାହାର ଅର୍ଥ "ଶାନ୍ତିରେ ରୁହ" ଏବଂ "ଅପରିହାର୍ଯ୍ୟ ଅଂଶ ବା ଅକ୍ଷୁଣ୍ଣ (To be in peace and to be an integral whole) । ଏହାର ଅର୍ଥ ଭଗବାନଙ୍କୁ ସମର୍ପଣ କରିବା, ଏଣୁ ଯେ ଭଗବାନଙ୍କୁ ପୁରାପୁରି ଭାବରେ ସମର୍ପିତ ହୋଇଥାଏ ସେ ହେଉଛି ମୁସଲମାନ । ଷଷ୍ଠ ଶତାବ୍ଦୀରେ ପ୍ରୋଫେଟ ମହମ୍ମଦ (Prophet Mohammed) ଇସଲାମ ଧର୍ମ ପ୍ରତିଷ୍ଠା କରିଥିଲେ । କୋରାନ୍ (The Quran) ହେଉଛି ମୁସଲମାନମାନଙ୍କର ପବିତ୍ର ଧର୍ମଗ୍ରନ୍ଥ । କୋରାନ (The Quram), ପ୍ରୋଫେଟ୍ (Prophet), ହାଦିଥ୍ (The Hadith), ସରିୟାତ୍ (The Shariat) ଏବଂ ତାରିକ୍ୱାତ (The Tariquat) ଇତ୍ୟାଦି ଇସଲାମ ଧର୍ମର ପ୍ରତିଷ୍ଠିତ ମୂଳନୀତି ଅଟେ । ଏହି ଧର୍ମ ଆଲ୍ଲାଙ୍କୁ ଭଗବାନ ରୂପେ ଗ୍ରହଣ କରିଥାଏ ଏବଂ ମହମ୍ମଦ ଆଲ୍ଲାଙ୍କର ବାର୍ତ୍ତାବହ ଅଟନ୍ତି । ଇସଲାମ ଧର୍ମ ଏକ ଜୀବନର ଧାରା ଅଟେ । ଏହି ଧର୍ମ ପବିତ୍ର ଓ ଅପବିତ୍ର ବା ପାର୍ଥିବ ଓ ଆଧ୍ୟାତ୍ମିକ ମଧ୍ୟରେ ଥିବା ବିଭାଜନକୁ ଗ୍ରହଣ କରିନଥାଏ । ଧର୍ମ ବ୍ୟତିରେକେ କୌଣସିଟିକୁ ମଧ୍ୟ ଯୁକ୍ତିଯୁକ୍ତ ଭାବରେ ଗ୍ରହଣ କରିନଥାଏ । ସୁନି (Sunnis) ଏବଂ ସିହା (Shias) ଭଳି ଦୁଇଟି ମୁସଲମାନ ସମ୍ପ୍ରଦାୟ ଅଛି । ଇସଲାମ ଧର୍ମର ପାଞ୍ଚୋଟି ମୌଳିକ ଧର୍ମବିଧି (Rites) ରହିଅଛି ସେଗୁଡିକ ନିମ୍ନରେ ଲେଖାଗଲା ।



(କ) ଏକ ବା ଏକେଶ୍ୱରବାଦ ବିଶ୍ୱାସ (ତୋହିଦ Toheed)

(ଖ) ଧର୍ମଗ୍ରନ୍ଥ ନିର୍ଦ୍ଦେଶ ଅନୁଯାୟୀ ପ୍ରାର୍ଥନା (ନମାଜ ପାଠ ଦିନକୁ ୫ଥର)

(ଗ) ଉପବାସ (Roza)

(ଘ) ବାଧ୍ୟତାମୂଳକ ଦାନ (ଜାକତ୍)

(ଙ) ଯାତ୍ରା (ହଜ୍)

ଉପରୋକ୍ତ ଧର୍ମବିଧି ପ୍ରତ୍ୟେକ ମୁସଲମାନ ସାଧାରଣତଃ ଶାନ୍ତି ପାଇଁ ପାଳନ କରିଥାନ୍ତି । ଆତ୍ମଶୁଦ୍ଧି କରଣ ନିମନ୍ତେ ପ୍ରତ୍ୟେକ ମୁସଲମାନ୍ ରମଜାନ୍ (Ramazan) ପର୍ବ ଉପବାସ କରି ପାଳନ କରିଥାନ୍ତି । ଭାରତରେ ମୁସଲମାନମାନେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବସବାସ କରିଥାନ୍ତି । ଗୁଜର୍ ଭଳି କେତେକ ଜନଜାତି ସମୁଦାୟ ମୁସଲମାନମାନଙ୍କ ସହ ମିଶି ରହିଥାନ୍ତି । ଗାଁମାନଙ୍କରେ ସେମାନେ ବିଭିନ୍ନ ଜାତିରେ ବିଭକ୍ତ ହୋଇଥାନ୍ତି ଏବଂ ସେମାନଙ୍କର କୌଳିକ ବୃତ୍ତିଗୁଡ଼ିକ ମଧ୍ୟରେ ଲୁଗାବୁଣାଜାତି, ତେଲି ଜାତି, ଚୁଡ଼ି ବିକ୍ରେତା ଜାତି, ପାଣି ବୋହିବା ଜାତି ଇତ୍ୟାଦି । ଗାଁମାନଙ୍କରେ ଏକ ପ୍ରକାର  କାମିନ୍-ଯଜମାନ ସମ୍ପର୍କ ଭଳି ଯଜମାନୀ ବ୍ୟବସ୍ଥା ଦେଖାଦେଇଥାଏ ।

### ୨୮.୧.୮ ଶିଖ ଧର୍ମ Sikhism

ଶିଖ ଧର୍ମ ଏକ ଭକ୍ତିମୂଳକ ଧାର୍ମିକ ସମ୍ପ୍ରଦାୟ ଅଟେ । ଶିଖମାନଙ୍କ ଧର୍ମକୁ ଶିଖ ଧର୍ମ କୁହାଯାଏ । ଶିଖ ଶବ୍ଦଟି ପାଲି ଶବ୍ଦ 'ଶିଖା'ରୁ ଏବଂ ସଂସ୍କୃତ ଶବ୍ଦ 'ଶିଷ୍ୟ'ରୁ ଆଦୃତ । ଯାହାର ଅର୍ଥ ଶିଷ୍ୟ (disciple) । ଶିଖମାନେ ଦଶଜଣ ଗୁରୁଙ୍କ (Teachers) ଆଶୀର୍ବାଦ ଲାଭ କରିଥାନ୍ତି । ଗୁରୁନାନକ (୧୪୬୯-୧୫୩୯) ହେଲେ ଶିଖ ଧର୍ମର ପ୍ରତିଷ୍ଠାତା । ଗୁରୁନାନକଙ୍କଠୁ ଆରମ୍ଭ ହୋଇ ଦଶମ ଗୁରୁ ଗୋବିନ୍ଦ ସିଂହ (୧୬୬୬-୧୭୦୮)ଙ୍କ ଠାରେ ଶେଷ ହୋଇଛି । ଷୋଡଶ ଶତାବ୍ଦୀର ପ୍ରଥମ ଗୁରୁ, ଗୁରୁନାନକ ଶିଖ ଧର୍ମକୁ ପ୍ରତିଷ୍ଠିତ କରାଇପାରିଥିଲେ ଓ ପରବର୍ତ୍ତୀ ସମୟରେ ଅନ୍ୟ ଗୁରୁମାନେ ଯଥା ଶିଖ ଧର୍ମର ପଞ୍ଚମ ଗୁରୁ, ଗୁରୁ ଅର୍ଜୁନ ଶିଖ ଧର୍ମଗ୍ରନ୍ଥ "ଗୁରୁ ଗ୍ରନ୍ଥ ସାହିବ" (Guru Grantha Saheb) ସଂକଳନ କରିଥିଲେ । ଶିଖଧର୍ମୀମାନେ ପାଞ୍ଚଗୋଟି ବସ୍ତୁକୁ ନିଜର ଆୟୁଧ ଅସ୍ତ୍ରରୂପେ ଶରୀରରେ ଧାରଣ କରିଥାନ୍ତି । ସେଗୁଡ଼ିକ ହେଲା- କେଶ (Kesha), କଙ୍ଗା ବା ପାନିଆଁ (Kanga), କଚ୍ଛା (Kachha), କଡା ବା କଙ୍କଣ (Kada) ଓ କୃପାଣ ବା ଛୋଟ ଖଣ୍ଡା (Kirpan) । ଗୁରୁଦ୍ୱାରା ଶିଖମାନଙ୍କର ଧର୍ମ ପୀଠ ଅଟେ ।

ନାନକ ହିନ୍ଦୁଧର୍ମର କେତେକ ପାରମ୍ପରିକ ବିଶ୍ୱାସକୁ ଗ୍ରହଣ କରିଥିଲେ କିନ୍ତୁ ଅସ୍ପୃଶ୍ୟତାକୁ ଗ୍ରହଣ କରିନଥିଲେ । ତାଙ୍କ ବିଚାରରେ ଭଗବାନ ହେଲେ ସମସ୍ତଙ୍କ ପିତା, ପ୍ରେମୀ, ମାଲିକ ଏବଂ

ସମସ୍ତ ଉପହାରର ଦାତା । ଭଗବାନ ହେଉଛନ୍ତି ନିରାକାର (Formless) ଏବଂ ନିର୍ଗୁଣ (Without quality) । ତାଙ୍କୁ ବିଭିନ୍ନ ନାମରେ ଡକାଯାଇପାରେ ଯଥା- ରାମ, ରହିମ୍, ଗୋବିନ୍ଦ, ମୁରାରୀ ଏବଂ ହରି । ନାନକ ପ୍ରଥମେ ଭଗବାନଙ୍କୁ ଓଁକାର (Aumkara) ଏବଂ ପରେ ତାଙ୍କୁ ସତ୍‌କରତାର (Sat Kartar ବା True Creator ବା ସତ୍ ନାମ True Name) କହିଲେ । ଶିଖଧର୍ମରେ ଭଗବାନଙ୍କ ପ୍ରତୀକ ହେଉଛି ଓମ (Om) । ନାନକ ସମସ୍ତଙ୍କୁ ସମାନ ଆଖିରେ ଦେଖୁଥିଲେ । ଏଣୁ ସେ ତାଙ୍କର ସମର୍ଥକଙ୍କୁ ଯେ କୌଣି ଜାତିର ହେଲେ ମଧ୍ୟ ଲଙ୍ଗର (Langar) ଜରିଆରେ ସମସ୍ତଙ୍କୁ ମୁକ୍ତ ଖାଦ୍ୟ ପ୍ରଦାନ କରୁଥିଲେ । ତାଙ୍କ ମତରେ ଗୁରୁ ବିନା କେହି ମୋକ୍ଷ ପାଇପାରିବେ ନାହିଁ । ଏଣୁ ଜଣେ ସତ୍‌ଗୁରୁ ନିହାତି ଆବଶ୍ୟକ । ଶିଖ ଧର୍ମର ବିଭିନ୍ନ ଦଶଜଣ ଗୁରୁ ହେଲେ- ଗୁରୁନାନକ, ଗୁରୁଅଙ୍ଗଦ, ଅମର ଦାସ, ରାମ ଦାସ, ଗୁରୁ ଅର୍ଜୁନ, ଗୁରୁ ହର ଗୋବିନ୍ଦ, ହର ରାୟ, ହର କିଶାନ, ତେଗ୍ ବାହାଦୂର ଓ ଗୁରୁ ଗୋବିନ୍ଦ ସିଂହ । ଶିଖ ଧର୍ମରେ ଗୃହସ୍ଥ୍ୟ ଆଶ୍ରମରେ ଥାଇ ମଧ୍ୟ ଜଣେ ସାଧୁସନ୍ଥ ସଙ୍ଗେ ମିଶିବା ଉଚିତ ଏବଂ ଭଜନ କୀର୍ତ୍ତନ କରି ଭଗବାନଙ୍କ ନାମ ନେବା ଉଚିତ । ତା'ହେଲେ ଜଣେ ମୋକ୍ଷପ୍ରାପ୍ତିର ରାସ୍ତା ପାଇପାରିବ ।

ଏହି ଧର୍ମ ମଧ୍ୟ ଦୁଇଟି ଗୋଷ୍ଠିରେ ବିଭକ୍ତ । କେତେକ ସନାତନୀ ଶିଖ ଶ୍ରେଣୀୟ ଓ ଅନ୍ୟ କେତେକ ଖାଲସା ଶିଖ୍ । ଉଭୟଙ୍କର ଧାର୍ମିକ ପରିଚୟ ଭିନ୍ନ । ଶିଖମାନଙ୍କର ମୁଖ୍ୟ ଗୁରୁଦ୍ୱାରା ପଞ୍ଜାବର ଅମୃତସର ଠାରେ ଅଛି ଯାହାକି ସ୍ୱର୍ଣ୍ଣ ମନ୍ଦିର ନାମରେ ସୁପ୍ରସିଦ୍ଧ (Golden Temple) । ଶିଖ୍‌ମାନେ ବାଣିଜ୍ୟ ବେପାର କ୍ଷେତ୍ରରେ ଦେଶ ବିଦେଶରେ ବିଶେଷ ସୁନାମ ଅର୍ଜନ କରିଛନ୍ତି । ଶିଖ୍‌ମାନେ ସେମାନଙ୍କ ରାଜନୈତିକ ପରିଚୟ ମଧ୍ୟ ଦେଇଥାନ୍ତି, ନିଜର ରାଜନୈତିକ ସଂଗଠନ ଜରିଆରେ । ଯଥା- ଶ୍ରୀଗୁରୁଦ୍ୱାରା ପ୍ରବନ୍ଧକ କମିଟି, ଅକାଳୀ ଦଳ ଯାହାକି ସେମାନଙ୍କୁ ଗୋଟିଏ ସ୍ୱତନ୍ତ୍ର ପରିଚୟ ଦେଇଥାଏ ।

## ପାଠଗତ ପ୍ରଶ୍ନ ୨୮.୪

ନିମ୍ନ ପ୍ରଶ୍ନଗୁଡିକର ଉତ୍ତର ଦିଅ ।

(୧) ଭାରତ ଜନସଂଖ୍ୟାର କେତେଭାଗ ଇସଲାମ ଧର୍ମାବଲମ୍ବୀ ?

..........................................................................................

(୨) ଇସଲାମ ଧର୍ମର ଅର୍ଥ କ'ଣ ?

..........................................................................................

(୩) ଭାରତୀୟ ଗ୍ରାମାଞ୍ଚଳରେ ମୁସଲମାନମାନେ କ'ଣ ଯଜମାନୀ ବ୍ୟବସ୍ଥାର ଏକ ଅଂଶ ?

..........................................................................................



(୪) ଶିଖ ଧର୍ମର ଅର୍ଥ କ'ଣ ?

.....................................................................................................

(୫) ଶିଖମାନେ କେତେ ଜଣ ଗୁରୁଙ୍କୁ ସ୍ୱୀକୃତି ଦେଇଥାନ୍ତି ?

.....................................................................................................

## ତୁମେ କ'ଣ ଶିକ୍ଷା କଲ

- ଭାରତ ଏକ ବହୁଧର୍ମୀୟ- ଧାର୍ମିକ ସମାଜ ଅଟେ ।
- ଭାରତ ହେଉଛି ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର ଯେଉଁଠି ପୃଥିବୀର ସବୁ ଧର୍ମ ଦେଖାଯାଇଥାଏ ।
- ହିନ୍ଦୁ ଧର୍ମରେ ଶହ ଶହ ଦେବାଦେବୀଙ୍କ ପୂଜା ହେବା ସଙ୍ଗେ ସଙ୍ଗେ ଅନେକଗୁଡ଼ିଏ ଧାର୍ମିକ ସମୁଦାୟ ଦେଖାଯାଏ ।
- ମୁସଲମାନମାନେ ସିହା ଓ ସୁନୀ ଦୁଇ ଭାଗରେ ବିଭକ୍ତ ।
- ଶ୍ୱେତାମ୍ବର ଏବଂ ଦିଗାମ୍ବର ନାମରେ ଜୈନ ଧର୍ମରେ ଦୁଇଟି ଗୋଷ୍ଠୀ ଅଛନ୍ତି ।
- ଅନ୍ୟ ଧର୍ମମାନଙ୍କରେ ମଧ୍ୟ ବିଭକ୍ତିକରଣ ଦେଖାଯାଏ ।
- ହିନ୍ଦୁଧର୍ମର ଜାତି ପ୍ରଥାକୁ ଅନ୍ୟଧର୍ମର ଲୋକେ ଘୋର ବିରୋଧ କରନ୍ତି ।
- ସ୍ୱଦେଶୀ ଧାର୍ମିକ ଆନ୍ଦୋଳନ ପରେ ବୌଦ୍ଧଧର୍ମ, ଜୈନଧର୍ମ ଓ ଶିଖଧର୍ମ ଜନ୍ମ ନେଲା ।
- ଭାରତକୁ ଆସିଥିବା ବାହ୍ୟ ଧର୍ମ ଯଥା-ଖ୍ରୀଷ୍ଟଧର୍ମ ଓ ଇସଲାମ ମଧ୍ୟ ଜାତି ବ୍ୟବସ୍ଥାକୁ ବିରୋଧ କରନ୍ତି । ସେମାନଙ୍କ ମତରେ ସବୁ ମଣିଷ ସମାନ ।
- ଭାରତବର୍ଷରେ ବିଭିନ୍ନ ସମୁଦାୟ ବିଭିନ୍ନ ଧର୍ମ ପ୍ରତି ଆକୃଷ୍ଟ ହୋଇ ନିଜ ନିଜ ଧର୍ମ ପରିବର୍ତ୍ତନ କରିଛନ୍ତି, ଯଥା- ଜାଠମାନେ ଶିଖ ଧର୍ମ ପ୍ରତି, ବୈଶ୍ୟ ଜାତି ଜୈନ ଧର୍ମ ପ୍ରତି ଏବଂ ନୀଚଜାତିର ଲୋକେ ଖ୍ରୀଷ୍ଟଧର୍ମ ଓ ଇସଲାମଧର୍ମ ପ୍ରତି ।
- ଯଦିଓ ସବୁଧର୍ମର ଲୋକେ ସମସ୍ତେ ସମାନ ବୋଲି ବିଚାର କରିଥାନ୍ତି ତଥାପି ନୂଆ ଧର୍ମଗ୍ରହଣ କରିଥିବା ଲୋକଙ୍କ ପ୍ରତି ଉଚ୍ଚଜାତିର ଲୋକଙ୍କ ସମ୍ପର୍କ ସାଧାରଣତଃ ଅନ୍ୟ ପ୍ରକାରର ।

- ସୁଫିବାଦ ହେଉଛି ଗୋଟିଏ ମୁଖ୍ୟ ଧାର୍ମିକ ଅନୁଷ୍ଠାନ ଯାହାକି ଉଭୟ ହିନ୍ଦୁ ଓ ମୁସଲମାନମାନେ ସୁଫି ସନ୍ଥମାନଙ୍କୁ ପୂଜା କରିବା ସଙ୍ଗେ ସଙ୍ଗେ ଭକ୍ତି ଆନ୍ଦୋଳନର ଅନ୍ୟ ସନ୍ଥମାନଙ୍କୁ ଭକ୍ତି ଦେଖାଇଥାନ୍ତି ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ Terminal Questions

ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ୧୦୦-୨୦୦ ଶବ୍ଦ ମଧ୍ୟରେ ହେବା ଉଚିତ ।

୧. ବୌଦ୍ଧଧର୍ମର ଅଭ୍ୟୁଦୟର ବିଭିନ୍ନ କାରକଗୁଡିକ ଦର୍ଶାଅ ।

୨. ଇସଲାମଧର୍ମର ମୂଳମନ୍ତ୍ର କ'ଣ ? ଇସଲାମ୍ ଧର୍ମରେ ଥିବା "ପାଞ୍ଚସ୍ତମ୍ଭ" କ'ଣ ?

୩. ଜୈନଧର୍ମର ମୂଳମନ୍ତ୍ର ଲେଖ ।

୪. ଜୈନଧର୍ମର ବିଭିନ୍ନ ଗୋଷ୍ଠୀ ସମ୍ବନ୍ଧରେ ଏକ ରଚନା ଲେଖ ।

୫. ଶିଖଧର୍ମ ଅନୁଯାୟୀ ଭଗବାନଙ୍କ ଧନ କ'ଣ ? ସମୁଦାୟ ରୋଷେଇଶାଳ ବା ଲଙ୍ଗର କାହାକୁ କୁହାଯାଏ ?

## ପାଠଗତ ପ୍ରଶ୍ନଗୁଡିକର ଉତ୍ତର

୨୮.୧ (୧) ଶତକଡ଼ା ୮୩ ଭାଗ

(୨) ଏସିଆ, ଆଫ୍ରିକା, ଇଂଲଣ୍ଡ, ଫିଜି

(୩) ସିନ୍ଧୁ ଉପତ୍ୟକା ସଭ୍ୟତା

(୪)ଜୋରୋଷ୍ଟ୍ରେରିଏନ୍

(୫) ମହାରାଷ୍ଟ୍ର ଏବଂ ଗୁଜୁରାଟ


୨୮.୨ (କ) ଠିକ୍

(ଖ) ଠିକ୍

(ଗ) ଭୁଲ

(ଘ) ଠିକ୍

(ଙ) ଭୁଲ



୨୮.୩ (କ) ଏକକ ଈଶ୍ୱର

(ଖ) ଜୀଉ

(ଗ) ଧଳା ଜୀଉ ଏବଂ କଳା ଜୀଉ

(ଘ) ଯିଶୁଖ୍ରୀଷ୍ଟ

(ଙ) ୧୫୧୦

(ଚ) ଖ୍ରୀଷ୍ଟଧର୍ମ

୨୮.୪ (୧) ଶତକଡ଼ା ୧୩ ଭାଗ

(୨) ଭଗବାନଙ୍କୁ ପୂର୍ଣ୍ଣ ସମର୍ପଣ

(୩) ହଁ, ସେମାନେ ଯଜମାନୀ ବ୍ୟବସ୍ଥାର ଏକ ଅଂଶ

(୪) ଶିଷ୍ୟ

(୫) ଦଶ ଜଣ ଗୁରୁ